## ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର,୧୬।୫ (ସମିସ): ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସବ ଉଦଯାପିତ ହୋଇଯାଇଛି। ସନ୍ଧ୍ୟାରେ ଜଉକଣ୍ଢେଇ ବାହାଘର ଉତ୍ସବର ସଭାପତି ସୁବାସିନୀ ଜେନାଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ତଥା ବାଲେଶ୍ୱର ହସ୍ତକଳାର ସହ ନିର୍ଦ୍ଦେଶକ ଶ୍ରୀ ଟୁଡୁ, ମୁଖ୍ୟ ବକ୍ତା ତଥା କନ୍ୟା କଣ୍ଢେଇ ମଣିର ପିତାମାତା ଡ଼ଃ ନୀଳାଦ୍ରି ରାୟ, ଡ଼ଃ ମୌସୁମୀ ପଟ୍ଟନାୟକ, ବର କଣ୍ଢେଇ ବାଇମୁଣ୍ଡିର ପିତାମାତା ଡ଼ଃ ବିନୟ କୁମାର ଦାସ, ଡ଼ଃ ନିର୍ମଳା ଦାସ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବ କମିଟିର ପ୍ରମୁଖ ସଦସ୍ୟ ବ୍ରହ୍ମନାଥ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାକକଥା ପ୍ରଦାନ କରି କମିଟି ସଦସ୍ୟ ଡ. ପଙ୍କଜ ଜେନା ବିଭିନ୍ନ ସମୟରେ ବରକର୍ତ୍ତା ଓ କନ୍ୟାକର୍ତ୍ତା ଭାବରେ ଦାୟିତ୍ୱ ସମ୍ପାଦନ କରିଥିବା ଇଂ ରବୀନ୍ଦ୍ର ଜେନା ଓ ଭଗବାନ ମୋହିନୀ, ଡ଼ଃ ଉପେନ୍ଦ୍ର ପାତ୍ର ଓ କୈଳାସ ପରିଡା, ରବି ନାରାୟଣ ଦାସ ଓ ମଧୁସୂଦନ ଦାସ, ଇଂ ଅଶୋକ ମହାପାତ୍ର, କବି ବିମଳ ଜେନା, ପ୍ରଦୀପ ଭୌମିକ, ହରମୋହନ ଦାସ, ବିନୟ କୁମାର ଦାସ, ଦୀନବନ୍ଧୁ ଲେଙ୍କା, ମହେନ୍ଦ୍ର ଜେନା, ସୁରଞ୍ଜନ ଦାସ ମହାପାତ୍ର, ରାଜକିଶୋର ରାନା, ମଦନ ସେରାଓଗି, ଶମ୍ଭୁନାଥ ଦାସ, ଡ. ପଙ୍କଜ କୁମାର ଜେନା, ଡ଼ଃ କାଳିକିଙ୍କର ଦାସ, ପିତାମ୍ବର ଦାସ, ନୀଳମଣି ମଣ୍ଡଳ ଆଦିଙ୍କ ସହଯୋଗକୁ ସ୍ମରଣ କରିଥିଲେ। ଶେଷ ସନ୍ଧ୍ୟାଥିଲା ସଙ୍ଗୀତ ଓ ପ୍ରୀତିଭୋଜର ସନ୍ଧ୍ୟା। ଚଳଚିତ୍ର ସଙ୍ଗୀତ ଶିଳ୍ପୀ ସୁବାସ ରାମ ସମେତ ବାଲେଶ୍ୱରର ବହୁ କଣ୍ଠଶିଳ୍ପୀଙ୍କ ସଙ୍ଗୀତରେ ବିଳମ୍ବିତ ରାତିଯାଏଁ ଝୁମି ହୋଇଥିଲେ ଦର୍ଶକ। ବାହାଘର କମିଟିର ସଭାପତି ସୁବାସିନୀ ଜେନା ତାଙ୍କ ଅଭିଭାଷଣରେ ବ୍ରହ୍ମନାଥ ରଥ, ଡ଼ଃ ଉପେନ୍ଦ୍ର ପାତ୍ର, କେଶୁ ଦାସ, ବ୍ୟୋମନାଥ ରଥ, ପରେଶ କୁମାର ଦାଶ, ଡ଼ଃ କୁମାର ଗୋପାଳ, ରାଜେଶ କୁମାର ଗିରି, ଗୌରାଙ୍ଗ ପାଣିଗ୍ରାହୀ, ଡ଼ଃ କାଳିକିଙ୍କର ଦାସ, ଡା ଅମିତାଭ ଗିରି, ନୀଳମଣି ମଣ୍ଡଳ, ଗୋପାଳ ଜେନା, ରଘୁନାଥ ଲେଙ୍କା, ଡ଼ଃ ପ୍ରଦୀପ ଭୌମିକ, ସନ୍ତୋଷ ବିଶ୍ୱାଳ, ଡା ମୃତ୍ୟୁଞ୍ଜୟ ମିଶ୍ର, ଓଜସ୍ୱିନୀ ମିଶ୍ର, ଧରିତ୍ରୀ ମିଶ୍ର, ମିନତୀ ସେଠି, ଅନିତା ରଥ, ଅର୍ଚ୍ଚନା ରଥ ସୌଭାଗିନୀ ମିଶ୍ର, ଉର୍ବଶୀ ଦାସ , ରଚନା ସେନ, ମାନସୀ, କବିତା ଆଦିଙ୍କ ପରିଶ୍ରମକୁ ପ୍ରଶଂସା କରିଥିଲେ। କନ୍ୟାପିତା ଡ଼ଃ ନୀଳାଦ୍ରି ରାୟ ଓ ବରପିତା ଡ଼ଃ ବିନୟ ଦାସ ଏହି ଉତ୍ସବକୁ ସମ୍ପର୍କର ଉତ୍ସବ ବୋଲି କହିଥିଲେ। ଶେଷରେ ନୀଳମଣୀ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପରିବେଶ ଦିବସ ଅଭିଯାନ

ବାଲେଶ୍ୱର,୧୬।୫ (ସମିସ): ରେଳ କର୍ମଚାରୀ, ଯାତ୍ରୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ପରିବେଶ ସଚେତନତା ଏବଂ ସ୍ଥାୟୀ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଖଡ଼ଗପୁର ଡିଭିଜନ୍ ପକ୍ଷରୁ "ବିଶ୍ୱ ପରିବେଶ ଦିବସ ଅଭିଯାନ-୨୦୨୬' ଆରମ୍ଭ ହୋଇଛି। ବିଶ୍ୱ ପରିବେଶ ଦିବସ ଅଭିଯାନ-୨୦୨୬ ଅନ୍ତର୍ଗତ ଆଜି ବାଲେଶ୍ୱର ରେଳ ଷ୍ଟେସନଠାରେ ମିଶନ ଲାଇଫ ଶପଥ ପାଠ ସହିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରେଳ କର୍ମଚାରୀ, ଯାତ୍ରୀ ଓ ହାଉସକିପିଂ କର୍ମୀମାନେ ସାମୂହିକ ଭାବେ ଅଂଶଗ୍ରହଣ କରି ପରିବେଶ ସୁରକ୍ଷା ଓ ସ୍ଥାୟୀ ଜୀବନଶୈଳୀ ଆପଣାଇବା ପାଇଁ ଶପଥ ନେଇଥିଲେ। ଏକକ-ବ୍ୟବହାର ପ୍ଲାଷ୍ଟିକ ବର୍ଜନ, ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପୃଥକୀକରଣ ଓ ଶକ୍ତି ସଂରକ୍ଷଣ ଉପରେ ଯାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଖଡ଼ଗପୁର ଡିଭିଜନ ପକ୍ଷରୁ ମଇ ୧୫ ରୁ ଜୁନ୍ ୫ ପର୍ଯ୍ୟନ୍ତ ଚାଲୁଥିବା ଏହି ଅଭିଯାନ ଅନ୍ତର୍ଗତ ଡିଭିଜନର ବିଭିନ୍ନ ଷ୍ଟେସନରେ ସଫେଇ, ବୃକ୍ଷରୋପଣ ଓ ଜନସଚେତନତା କାର୍ଯ୍ୟକ୍ରମ କରାଯାଉଛି।

# ପଦାରେ ପଡ଼ିଲା ବାଲେଶ୍ୱର ପୌରପାଳିକା ଅନ୍ତଃକନ୍ଦଳ

ବାଲେଶ୍ୱର,୧୬।୫(ସମିସ)



ବାଲେଶ୍ୱର ପୌରପାଳିକାରେ ପଦାରେ ପଡ଼ିଲା ଅନ୍ତଃକନ୍ଦଳ। ପୌରାଧ୍ୟକ୍ଷାଙ୍କ କାର୍ଯ୍ୟକଳାପ ଓ ମନମାନିକୁ ନେଇ ସ୍ୱର ଉତ୍ତୋଳନ କରିଛନ୍ତି ଖୋଦ୍ ଉପାଧ୍ୟକ୍ଷ ଓ ବିଜେଡି କାଉନସିଲର। କାଉନସିଲରଙ୍କ ବିନା ସହମତିରେ ପ୍ରକଳ୍ପ ଅନୁମୋଦନ ଏବଂ ସହରର ଏକମାତ୍ର ପୁରୁଣା ଖେଳପଡ଼ିଆକୁ ନଷ୍ଟ କରି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଯୋଜନାକୁ ନେଇ ଏବେ ପୌରପାଳିକାରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଅନ୍ୟପଟେ ଆବଶ୍ୟକ ପଡ଼ିଲେ ନିଷ୍ପତ୍ତିରେ ପରିବର୍ତ୍ତନ କରାଯିବ ବୋଲି ସଫେଇ ଦେଇଛନ୍ତି ପୌରାଧ୍ୟକ୍ଷା। ପଦାରେ ପଡ଼ିଛି ବାଲେଶ୍ୱର ପୌରପାଳିକାର ଭିତିରି କଳି। ବିଜେଡି କାଉନସିଲରଙ୍କ ସମେତ ଖୋଦ୍ ପୌର ଉପାଧ୍ୟକ୍ଷ ଏବେ ପୌରାଧ୍ୟକ୍ଷାଙ୍କ ବିରୁଦ୍ଧରେ ମୁହଁ ଖୋଲିଛନ୍ତି। ପୌରାଧ୍ୟକ୍ଷା କାଉନସିଲରମାନଙ୍କ ବିନା ସହମତିରେ ନିଜ ମନମାନି ମୁତାବକ ପ୍ରକଳ୍ପ ଅନୁମୋଦନ କରୁଥିବାର ଅଭିଯୋଗ କରିଛନ୍ତି। ଯେଉଁ ସବୁ ପ୍ରକଳ୍ପ କରାଯାଉଛି, ତାହା ବାଲେଶ୍ୱର ପୌରାଞ୍ଚଳବାସୀଙ୍କ ସ୍ୱାର୍ଥରେ ନୁହେଁ, ବରଂ କେବଳ ଠିକାଦାରଙ୍କୁ ପୋଷିବା ପାଇଁ ବୋଲି ସାଙ୍ଘାତିକ ଆରୋପ ଆଣିଛନ୍ତି ପୌର ଉପାଧ୍ୟକ୍ଷ ଓ କାଉନସିଲର। ବିବାଦର ମୁଖ୍ୟ କାରଣ ସାଜିଛି ବାଲେଶ୍ୱର ପୁରୁଣା ଷ୍ଟାଡିୟମ୍ ପଡ଼ିଆର ଉନ୍ନତିକରଣ। ଏହି ପଡ଼ିଆରେ କମ୍ୟୁନିଟି ସେଣ୍ଟର ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଯୋଜନା ହୋଇଛି। ସହରର ଏହି ଏକମାତ୍ର ଖେଳପଡ଼ିଆକୁ ନଷ୍ଟ କରି କେଉଁ ଆଧାରରେ ମାର୍କେଟ କମ୍ପ୍ଲେକ୍ସ ହେଉଛି, ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, କାଉନସିଲର ଓ ଜିଲ୍ଲାସ୍କୁଲ ଆଲୁମିନି ଆସୋସିଏସନ୍। ରାଜ୍ୟ ସରକାର କ୍ରୀଡ଼ାର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ବାଲେଶ୍ୱର ପୌରପାଳିକାର ଏଭଳି ଅଜବ ନୀତିକୁ ସବୁ ମହଲରୁ ତୀବ୍ର ନିନ୍ଦା କରାଯାଉଛି। କ୍ରୀଡ଼ା ଭିତ୍ତିଭୂମିକୁ ନଷ୍ଟ କରାଗଲେ

### ପୁରୁଣା ଖେଳପଡ଼ିଆରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଯୋଜନାକୁ ନେଇ ଅସନ୍ତୋଷ ତୀବ୍ର

ଆଗକୁ ବଡ଼ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ଅସନ୍ତୋଷ କେବଳ ଖେଳପଡ଼ିଆରେ ସୀମିତ ନାହିଁ। ରାଜା ବଗିଚା ଜିଲ୍ଲାପରିଷଦ କ୍ୱାର୍ଟର ନିକଟରେ ଥିବା ପିଡବ୍ଲ୍ୟୁଡି ଅଧୀନସ୍ଥ ଏକ ପରିତ୍ୟକ୍ତ ପୋଖରୀର ଚାରିପାଖରେ ପାଚେରୀ ଥିବା ସତ୍ତ୍ୱେ, କେବଳ ସରକାରୀ ଅର୍ଥ ହରିଲୁଟ୍ କରିବା ନାମରେ ତାର ପୁନଃ ଉନ୍ନତିକରଣ କରାଯାଉଥିବା କାଉନସିଲର ମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଉପାଧ୍ୟକ୍ଷ ଓ କାଉନସିଲରଙ୍କ ଏଭଳି ସାଙ୍ଘାତିକ ଅଭିଯୋଗ ଉପରେ ସଫେଇ ରଖିଛନ୍ତି ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ। ପ୍ରକଳ୍ପକୁ ନେଇ କାଉନ୍ସିଲରେ ପୂର୍ବରୁ ଆଲୋଚନା ହୋଇଛି ଏବଂ ସର୍ବସମ୍ମତି କ୍ରମେ ଏହା ଅନୁମୋଦିତ ହୋଇଛି। ବର୍ତ୍ତମାନ ସୁଦ୍ଧା ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇନି, ତେଣୁ ଯଦି ସଦସ୍ୟମାନଙ୍କର କିଛି ଆପତ୍ତି ଅଛି, ତେବେ ଟେଣ୍ଡରର ଅଗ୍ରଗତି ନେଇ ପୁନର୍ବାର ବିଚାର କରାଯିବ। ସେପଟେ ପୁରୁଣା ଷ୍ଟାଡିୟମ ଜିଲ୍ଲାସ୍କୁଲକୁ ବହୁ ପୂର୍ବରୁ ହସ୍ତାନ୍ତର କରାଯାଇଥିବା ନେଇ ଆଲୁମିନି ଆସୋସିଏସନ ଦାବି କରୁଥିବା ବେଳେ, ପୌରପାଳିକା ଚାହିଁଲେ ସବୁ କିଛି କରିପାରିବ। ଜିଲ୍ଲା ସ୍କୁଲ ଆଲୁମିନି ଆସୋସିଏସନ୍ କାର୍ଯ୍ୟକାରୀ ସଭାପତି ରାଜେଶ ଗିରି କହିଛନ୍ତି।

## ସାବିତ୍ରୀ ବ୍ରତ ପାଇଁ ମନ୍ଦିରରେ ମହିଳାଙ୍କ ଭିଡ଼





ବାଲେଶ୍ୱର/ଜଳେଶ୍ୱର, ୧୬।୫ (ସମିସ): ଆଜି ଓଡିଆ ମହିଳାଙ୍କ ଏକ ପ୍ରମୁଖ ବ୍ରତ ସାବିତ୍ରୀ ବ୍ରତ ପାଇଁ ବିଭିନ୍ନ ଦେବ ମନ୍ଦିରରେ ଭିଡ ଲାଗି ରହିଥିଲା। ଜ୍ୟେଷ୍ଠ ମାସ ଅମାବସ୍ୟା ତିଥିରେ ପାଳନ କରାଯାଉଥିବା ସାବିତ୍ରୀ ବ୍ରତ ବିବାହିତ ହିନ୍ଦୁ ଓଡିଆ ଘରର ମହିଳା ମାନଙ୍କର ଏକ ପ୍ରମୁଖ ବ୍ରତ ଭାବରେ ପାଳନ କରାଯାଇଥାଏ। ବିବାହିତ ମହିଳାମାନେ ଉପବାସ ରହି ଲକ୍ଷ୍ମୀନାରାୟଣ ତଥା ସାବିତ୍ରୀ ସତ୍ୟବାନଙ୍କ ନିକଟରେ ଚୁଡି, ସିନ୍ଦୁର, ନୂଆ ବସ୍ତ୍ର ଅର୍ପଣ କରିବା ସହିତ ୨୧ ପ୍ରକାରର ଫୁଲ ଓ ଫଳର ନୈବେଦ୍ୟ ବାଢି ପତିଙ୍କ ଦୀର୍ଘ ଆୟୁ ଏବଂ ନିରାମୟ ଜୀବନ କାମନା କରିଥାନ୍ତି। ବାଲେଶ୍ୱର ସହରର ବିବେକାନନ୍ଦ ମାର୍ଗସ୍ଥିତ ଲଳିତେଶ୍ୱରୀ କାଳୀମନ୍ଦିର, ଝାଡେଶ୍ୱର ମହାଦେବ ମନ୍ଦିର, ରାଜାବଗିଚା ରାଧାକୃଷ୍ଣ ମନ୍ଦିର, ବାଲିଘାଟ ସ୍ଥିତ ତାରିଣୀ ମନ୍ଦିର, ଓଟିରୋଡ ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ସମେତ ଅନ୍ୟାନ୍ୟ ବିଭିନ୍ନ ଶୈବପୀଠ ଓ ଶକ୍ତିପୀଠରେ ଆଜି ମହିଳାମାନଙ୍କର ଭିଡ ଦେଖିବାକୁ ମିଳିଥିଲା। ସେହିପରି ଜଳେଶ୍ୱର ବଡ ବଜାର ଜଗନ୍ନାଥ ମନ୍ଦିର, ସତ୍ୟନାରାୟଣ ମନ୍ଦିର ସହିତ ବିଭିନ୍ନ ମହାଦେବ ମନ୍ଦିରରେ ସାବିତ୍ରୀ ବ୍ରତ କରିଥିବା ମହିଳା ମାନେ ନବ ବସ୍ତ୍ର ସହିତ ଫୁଲ ଫଳର ଡାଲା ଧରି ମନ୍ଦିରରେ ଭିଡ ଲାଗିଥିବାର ଦେଖିବାକୁ ମିଳିଥିଲା।

### ସାବିତ୍ରୀ ବ୍ରତ ପାଳିଲେ କିନ୍ନର

ବାଲେଶ୍ୱର: ସର୍ବତ୍ର ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତିର ସହ ମହାସାବିତ୍ରୀ ବ୍ରତ ପାଳିତ ହୋଇଥିବା ବେଳେ ବାଲେଶ୍ୱରରେ କିନ୍ନରମାନେ ନିଷ୍ଠାର ସହ ଏହି ବ୍ରତ ପାଳିଛନ୍ତି। ସହରର ଆନନ୍ଦବଜାର ସ୍ଥିତ ଶ୍ରୀଲୋକନାଥ ମନ୍ଦିରରେ ପୂଜାର୍ଚ୍ଚନା ସହ ବ୍ରତଧାରୀ କିନ୍ନରମାନେ ସାବିତ୍ରୀ ବ୍ରତ ପାଳନ କରିଥିବା ଲକ୍ଷ୍ୟ କରାଯାଇଛି। ଗୁରୁଙ୍କ ପ୍ରତି ସମର୍ପଣ ଭାବରେ ପ୍ରତ୍ୟେକ ବର୍ଷ ଏହିଭଳି ବ୍ରତ ପାଳନ କରାଯାଇ ଥାଏ ବୋଲି କିନ୍ନରମାନେ କହିଛନ୍ତି।

## ୧୦ ଲକ୍ଷର ସୁନା ଅଳଙ୍କାର ଓ ଲୁଟ୍ ଅଭିଯୋଗ

ନୀଳଗିରି, ୧୬।୫ (ସମିସ): ପରିବାର ଲୋକଙ୍କ ଅନୁପସ୍ଥିତିରେ କଳା କନା ବୁଲେଇଲେ ଦୁର୍ବୃତ୍ତ। ଗତକାଲି ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ନୀଳଗିରି ଏନ ଏ ସି ୭ ନମ୍ବର ୱାର୍ଡ ବାଲିଗୋହିରି ବସଷ୍ଟାଣ୍ଡ ନିକଟବର୍ତ୍ତୀ ସାଇରମ କଲୋନୀରେ ଘରକରି ରହୁଥିବା ପରମାନନ୍ଦ ସାହୁଙ୍କ ଘରେ କଳା କନା ବୁଲେଇଛନ୍ତି। ପରମାନନ୍ଦ ସାହୁ ଓ ତାଙ୍କ ସ୍ତ୍ରୀ ଗତକାଲି ଚିକିତ୍ସା ପାଇଁ ଘରେ ତାଲା ପକାଇ କଟକ ବଡ ମେଡିକାଲକୁ ଯାଇ ଫେରି ନ ଥିଲେ। ପରିବାରରେ କୌଣସି ସଦସ୍ୟ ନଥିବା ବେଳେ ତାଙ୍କ ପୁତ୍ର କାହ୍ନୁ ଚରଣ ସାହୁ (୨୨) ସୁନ୍ଦରଗଡ଼ରେ ବିଏସସି ନର୍ସିଙ୍ଗ ପଢୁଥିବା ବେଳେ ଆଜି ସକାଳେ ଘରେ ପହଞ୍ଚି ଫାଟକ ଚାବି ଖୋଲି ଦେଖିବା ବେଳକୁ ଗ୍ରିଲ ଓ ଗଡ଼ରେଜ ଭଙ୍ଗା ଯାଇ ସୁନା ଅଳଙ୍କାର ଚୋରି ହୋଇ ଯାଇଛି। ଯାହାର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ଓ ନଗଦ ୪୦ ହଜାର ଚୋରି ହୋଇ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ବାପା ଓ ମା'ଙ୍କୁ ଫୋନ ଯୋଗେ ଜଣାଇ ଥିଲେ। ପରେ କାହ୍ନୁ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗଡ଼ରେଜ ଭଙ୍ଗା ଯାଇ ଚୋରି ହୋଇଥିବା ଦେଖିବାକୁ



ପାଇଥିଲେ। ମଧ୍ୟାହ୍ନ ୧ ଘଟିକା ସମୟରେ ବାଲେଶ୍ୱର ସାଇଣ୍ଟିଫିକ ଟିମ ଏସଓ ସାଲୁ ଟୁଡୁ ଆସି ତଦନ୍ତ କରି ଅପରାହ୍ନ ୨,୩୦ରେ ଫେରିଥିବା ବେଳେ ଦୁର୍ବୃତ୍ତ ଙ୍କ ଦୁଇ ଗୋଟି ଫିଙ୍ଗର ପ୍ରିଣ୍ଟ ପାଇଥିବା ସୂଚନା ଦେଇଛନ୍ତି। ଏ ନେଇ ନୀଳଗିରି ଥାନା ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲକୁ ନେଇ ଯୁବ ଓ ଛାତ୍ର କଂଗ୍ରେସର ବିକ୍ଷୋଭ

ବାଲେଶ୍ୱର,୧୬।୫(ସମିସ): ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲକୁ ନେଇ ବାଲେଶ୍ୱର ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଷ୍ଟେସନ ଛକରୁ ଏକ ବିଶାଳ ରାଲିରେ ଆସି ଫାଣ୍ଡି ଛକ ଠାରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବାରମ୍ବାର ପ୍ରଶ୍ନପତ୍ର ଲିକ ଦ୍ୱାରା ମେଧାବୀ ବିଦ୍ୟାର୍ଥୀଙ୍କ ଜୀବନ ସହ ଖେଳ ହେଉଥିବା ଅଭିଯୋଗ କରି ଦାୟିତ୍ୱରେ ଅବହେଳା କାରଣରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯିବା ସହ ତାଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା। ସେହିପରି ଏନଟିଏର ପରୀକ୍ଷା ପରିଚାଳନାକୁ ନୀତିକୁ ଶତାଧିକ ଛାତ୍ର ଯୁବ ଉପସ୍ଥିତ ରହି ଜୋରଦାର ଧିକ୍କାର ଓ ନାରାବାଜି କରିଥିଲେ। କାର୍ଯ୍ୟକ୍ରମ ରେ ଜିଲ୍ଲା ଯୁବକଂଗ୍ରେସ ସଭାପତି ଇଂ ରଞ୍ଜନ ଦାସ ଛାତ୍ରଜିଲ୍ଲା କଂଗ୍ରେସ ସଭାପତି ଗୌତମ ସାହୁଙ୍କ ସମେତ ପୂର୍ବତନ ବିଧାୟକ ସୁଦର୍ଶନ ଜେନା ପୂର୍ବତନ ଜିଲ୍ଲା ସଭାପତି ସଂଜୀବ ଗିରି, ଜିଲ୍ଲା ଉପସଭାପତି ସରୋଜ କୁମାର ଲେଙ୍କା, ଉପଭାପତି ଗୋପୀନାଥ ପାଢ଼ୀ କେଶବ, ନାୟକ ଜିଲ୍ଲାସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ ବରିଷ୍ଠ କଂଗ୍ରେସ ନେତ୍ରୀ ଅର୍ଚ୍ଚନା ନନ୍ଦୀ ଜୋସ୍ନା ସେନାପତି ହେମଲତା ଦାସ, ଅଜଗର ଅଲ୍ଲୀ, ସେକ କାଲାମ ପ୍ରମୁଖ ଉପସ୍ଥିତ ରହି ସରକାର ଙ୍କର ବିଫଳତା ଉପରେ ବର୍ଷି ଥିଲେ। ଏହି କାର୍ଯ୍ୟକ୍ରମ ରେ ନବ ପ୍ରସାଦ ଭୂୟାଁ, ଜୀବନ ମହାପାତ୍ର ସୁମିତ ସାଗର ଦାସ ସୌରଭ ପଟ୍ଟନାୟକ ସୁଧାକର ରାଉତ, ପତିତ ପାବନ ଦାସ ଜୟଦୀପ ସାହା ପ୍ରମୁଖ ବହୁ ଛାତ୍ର ଏବଂ ଯୁବ କଂଗ୍ରେସ ର କର୍ମୀ ଉପସ୍ଥିତ ଥିଲେ।





## ନାମ୍ପୋ ହାଇସ୍କୁଲରେ ଏନ୍.ସି.ସି ଉଇଙ୍ଗ ପୁନଃ ପ୍ରଚଳନ ପ୍ରସଙ୍ଗ

## ଭଦ୍ରକ ୭ମ କମାଣ୍ଡ ଅଫିସ୍‌ର ଅନୁଧ୍ୟାନ

ଜଳେଶ୍ୱର, ୧୬।୫ (ସମିସ) : ନାମ୍ପୋ ହାଇସ୍କୁଲରେ ୧୯୭୦ ମସିହାରୁ ଚାଲି ଆସୁଥିବା ଏନ୍‌ସିସି ଉଇଙ୍ଗକୁ ୨୦୦୮ ମସିହାରୁ ବନ୍ଦ କରାଯାଇଛି। ଏହାର ପୁନଃ ପ୍ରଚଳନ ଲାଗି ଦୀର୍ଘବର୍ଷ ଧରି ଆନ୍ଦୋଳନ, ଅନଶନ କରାଯାଉଥିଲେ ମଧ୍ୟ ଏହାର କୌଣସି ସମାଧାନ ହେଉନାହିଁ। ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପରେ ଆଜି ଭଦ୍ରକ ୭ମ କମାଣ୍ଡ ଅଫିସ ପକ୍ଷରୁ ଅନୁଧ୍ୟାନ କରାଯାଇଛି। ଦେଶରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ, ଟିମ୍ କାର୍ଯ୍ୟ, ଶୃଙ୍ଖଳା, ସେବା ଓ ଅତିଆବଶ୍ୟକ ବେଳେ ପ୍ରଶାସନକୁ ସାହାଯ୍ୟ କରିବାଲାଗି ଏନ୍‌ସିସି(ସମର ଶିକ୍ଷାର୍ଥୀ ବାହିନି) ଗଠନ ହୋଇଛି। ବିଦ୍ୟାଳୟ ମାନଙ୍କ ଅଧିକରୁ ଅଧିକ ଏନ୍‌ସିସି ଉଇଙ୍ଗ୍ ଖୋଲାଯିବାକୁ ଭାରତୀୟ ସେନାବାହିନୀ ପକ୍ଷରୁ ନିର୍ଦ୍ଦେଶ ଥିବା ବେଳେ ୧୯୫୮ ମସିହାରେ ପ୍ରତିଷ୍ଠିତ ନାମ୍ପୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୭୦ ମସିହାରୁ ଏନ୍‌ସିସି ଉଇଙ୍ଗ କାର୍ଯ୍ୟ କରି ଆସୁଥିଲା। ପ୍ରତିବର୍ଷ ୧୦୦ କେଡେଟ୍‌କୁ ଶିକ୍ଷା ଦିଆଯାଉ ଆସୁଥିବା ବେଳେ ୨୦୦୮ ମସିହାରେ ତତ୍‌କାଳୀନ ପ୍ରଧାନ ଶିକ୍ଷକ ଏନ୍‌ସିସି ଶିକ୍ଷକ ନ ଥିବା ଦର୍ଶାଇ ବନ୍ଦ କରିଦେଇଥିଲେ। ସେବେଠାରୁ ଅଦ୍ୟାବଧି ଅଭିଭାବକ ମାନଙ୍କ ପକ୍ଷରୁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆସୁଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିନଥିଲା। ବିଦ୍ୟାଳୟରେ ଏନ୍‌ସିସି ଉଇଙ୍ଗ ପୁନଃ ପ୍ରଚଳନ ଦାବିରେ ୨୦୨୪ ମସିହା ଜାନୁଆରୀ ମାସରେ



ସମାଜସେବୀ ଜଗନ୍ନାଥ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମବାସୀ ଓ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ଅନଶନ କରିଥିଲେ। ତତ୍‌କାଳୀନ ଏଡିଇଓ ଧରଣୀଧର ପାତ୍ର ଧାରଣସ୍ଥଳରେ ପହଞ୍ଚି ପୁନଃ ପ୍ରଚଳନ ଲାଗି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ପରବର୍ତ୍ତୀ ସମୟରେ ନାମ୍ପୋ ହାଇସ୍କୁଲରୁ ଏନ୍‌ସିସିରେ କୃତିତ୍ୱ ଅର୍ଜନ୍ କରିଥିବା ତଥା ଭାରତୀୟ ସେନାବାହିନୀର ଭେଟ୍ରାନ୍ ଦିଲ୍ଲିପ କୁମାର ଦେ ଏ ସଂପର୍କରେ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରବର୍ତ୍ତୀ ସମୟରେ ସେ ୧୬-୫-୨୦୨୫ରେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ଏ ସଂପର୍କରେ ଅବଗତ କଲାପରେ ଚଳିତବର୍ଷ ଜାନୁଆରୀ ମାସରେ ଗଣ ଶିକ୍ଷାମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ଡିଇଓ, ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଏହାର ତୁରନ୍ତ ସମାଧାନ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ଆଜି ଭଦ୍ରକସ୍ଥିତ ୭ମ କମାଣ୍ଡ ଅଫିସର ସୁବେଦାର କରନଜିତ୍ ସିଂଖ ଓ ସଂଜୟ ସୁରଣ୍ଡ ବିଦ୍ୟାଳୟକୁ ଆସି ଆବଶ୍ୟକ ଭିତ୍ତିଭୂମି ସଂପର୍କରେ ଅନୁଧ୍ୟାନ କରିଛନ୍ତି। ଏ ସଂପର୍କରେ ଏସ୍‌ଏମ୍‌ସି ସଭାପତି ନିଖିଳ ପରିଡା ଓ ପ୍ରଧାନ ଶିକ୍ଷକ ରଂଜନ ମହାନ୍ତିଙ୍କୁ ପଚାରିବାରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ସଂପର୍କରେ କହିଛନ୍ତି। ତେବେ ନାମ୍ପୋ ହାଇସ୍କୁଲରେ ଏନ୍‌ସିସି ଉଇଙ୍ଗ ପୁନଃ ପ୍ରଚଳନ କରାଗଲେ ଏ ଅଂଚଳରୁ ବହୁ କେଡେଟ୍ ସେନାବାହିନୀରେ ଯୋଗଦେଇପାରିବେ ବୋଲି ଗ୍ରାମବାସୀଙ୍କ ସହିତ ସେନାକର୍ମଚାରୀ ଭେଟ୍ରାନ୍ ଦିଲ୍ଲିପ କୁମାର ଦେ କହିଛନ୍ତି। ଆଜିର ଅନୁଧ୍ୟାନ ବେଳେ ପ୍ରଧାନ ଶିକ୍ଷକ ରଂଜନ ମହାନ୍ତି,ଏନ୍‌ସିସି ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦେ, ଆଶିଷ ମଣ୍ଡଳ, ପଲ୍ଲଭ ଡଗର, ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲେଶ୍ୱରରେ ତାତି ୩୮ ଡିଗ୍ରୀ

ବାଲେଶ୍ୱର,୧୬।୫ (ସମିସ): ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର ପକ୍ଷରୁ ଜାରି ହୋଇଥିବା ସନ୍ଧ୍ୟା ପାଣିପାଗ ବୁଲେଟିନ ଅନୁଯାୟୀ ଆଜି ବାଲେଶ୍ୱରର ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି। ସର୍ବନିମ୍ନ ତାପମାତ୍ରା ୨୭.୨ ଡିଗ୍ରୀ ସେଲସିୟସ ରହିଥିବା ବେଳେ ଗତ ୨୪ ଘଣ୍ଟାରେ ଜିଲ୍ଲାରେ କୌଣସି ସ୍ଥାନରେ ବର୍ଷା ହୋଇନାହିଁ। ଆଜି ସକାଳ ୮ ଘଟିକା ୩୦ ମିନିଟ୍ ବାଲେଶ୍ୱରରେ ଆପେକ୍ଷିକ ଆର୍ଦ୍ରତା ୭୦ ପ୍ରତିଶତ ଥିଲା, ଯାହା ସନ୍ଧ୍ୟା ୫ ଘଟିକା ୩୦ ମିନିଟ୍ ବେଳକୁ ବୃଦ୍ଧି ପାଇ ୭୬ ପ୍ରତିଶତରେ ପହଞ୍ଚିଛି। ବର୍ଷା ନଥିବାରୁ ଏବଂ ଆର୍ଦ୍ରତା ଅଧିକ ରହିବାରୁ ଦିନ ସାରା ଗୁଳୁଗୁଳି ଓ ଅସ୍ତବ୍ୟସ୍ତକର ପାଗ ଅନୁଭୂତ ହୋଇଥିଲା। ପାଣିପାଗ ବିଭାଗର ତଥ୍ୟ ଅନୁସାରେ ଆଜି ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୪୦ ଡ଼ିଗ୍ରୀ ସେଲସିୟସ ଉପରେ ରହିଥିଲା। ସମ୍ବଲପୁରରେ ସର୍ବାଧିକ ୪୧.୪ , ଅନୁଗୁଳରେ ୪୧.୧ ଓ ଝାରସୁଗୁଡ଼ାରେ ୪୧.୪ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି। ତୁଳନାରେ ବାଲେଶ୍ୱରରେ ତାପମାତ୍ରା ସାମାନ୍ୟ କମ୍ ରହିଥିଲେ ମଧ୍ୟ ଆର୍ଦ୍ରତା ଯୋଗୁଁ ଗରମ ଅଧିକ ଅନୁଭୂତ ହୋଇଛି। ଆଗାମୀ ୨୪ ଘଣ୍ଟା ପାଇଁ ପାଣିପାଗ ବିଭାଗ ପକ୍ଷରୁ ବାଲେଶ୍ୱର ପାଇଁ କୌଣସି ବର୍ଷା ସତର୍କତା ଜାରି କରାଯାଇ ନାହିଁ। ଗରମ ଓ ଗୁଳୁଗୁଳିରୁ ବର୍ତିବା ପାଇଁ ଅତ୍ୟାବଶ୍ୟକ ନ ହେଲେ ଦିନ ୧୧ ଘଟିକାରୁ ୩ଟା ମଧ୍ୟରେ ବାହାରକୁ ନ ବାହାରିବା ଓ ପର୍ଯ୍ୟାପ୍ତ ପାଣି ପିଇବାକୁ ପରାମର୍ଶ ଦିଆଯାଇଛି।

## ରାଧାକୃଷ୍ଣ ଜୀଉ ମନ୍ଦିରର ବାର୍ଷିକ ଉତ୍ସବ

ବାଲେଶ୍ୱର,୧୬।୫ (ସମିସ): ବାଲିଆସ୍ଥିତ ନୁଆସାହି ରାଧାକୃଷ୍ଣ ଜୀଉ ମନ୍ଦିର କମିଟି ଓ ଅଞ୍ଚଳ ବାସୀଙ୍କ ମିଳିତ ସହଯୋଗରେ ନିର୍ମିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ଜୀଉ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ମହା ସମାରୋହରେ ଶୁଭାରମ୍ଭ ହୋଇଛି। ଆଜି ଏହି ଉତ୍ସବର ପ୍ରଥମ ଦିବସରେ ୧୦୮ କଳସ ଯାତ୍ରା, ଅଧିବେସନ ଓ ହୋମଯଜ୍ଞ ନାମସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ରେମୁଣା ବିଧାୟକ ତଥା ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ବାଲିଆ ସରପଞ୍ଚ ନିତାଇ ଚରଣ ଦାସଙ୍କ ସହ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ବାର୍ଷିକ ଉତ୍ସବରେ ମନ୍ଦିର ପରିଚାଳନା କମିଟିର ସଭାପତି ଆଇନଜୀବି ହରେକୃଷ୍ଣ ଦାସ ଓ ସମ୍ପାଦକ ନିତ୍ୟାନନ୍ଦ ସାମଲଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଅଞ୍ଚଳ ବାସୀ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଛନ୍ତି।

# ସୁବର୍ଣ୍ଣରେଖା ବାଲି ଉପରେ ବାଲି ମାଫିଆଙ୍କ ଲୋଲୁପ ଦୃଷ୍ଟି

କାଳିପଦା, ୧୬।୫ (ସମିସ)



ସୁବର୍ଣ୍ଣରେଖା ନଦୀ ବାଲି ଉପରେ ଏବେ ବାଲି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି। ପ୍ରଶାସନର ସ୍ଥାଣୁତା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସର୍ବତ୍ର ଆଲୋଚନା ହେଉଛି। ଅନ୍ୟପକ୍ଷରେ ସରକାର ବାଲି ଖାଦାନ ଗୁଡିକୁ ଦୀର୍ଘ ଦିନ ହେବ ନିଲାମ ନ କରି ପକାଇ ରଖିବା କରଣରୁ ଏହା ହେଉଛି ବୋଲି ମଧ୍ୟ କୁହାଯାଇଛି। ବାଲି ମାଫିଆମାନେ ପ୍ରତିଦିନ ଟ୍ରକ ଓ ଟ୍ରାକ୍ଟର ଯୋଗେ ଟ୍ରିପି ଟ୍ରିପି ବାଲି ଉଠାଇ ଲକ୍ଷ ଲକ୍ଷ ଟଙ୍କା ହାତଉ ଥିବାବେଳେ ସରକାରଙ୍କ ତହବିଲକୁ ଟଙ୍କା ଟିଏ ମଧ୍ୟ ଆସୁନାହିଁ। ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ନଦୀର ଦ୍ୱିତୀୟ ସେତୁ ନିକଟ ଚଡ଼ ବଡାପାଳ ଓ ଜଳେଶ୍ୱର ବ୍ଲକ କଣ୍ଠାପାଳ ବାଲି ଖାଦାନରୁ ବାଲି ଚୋରି ଏବେ ନିତି ଦିନିଆ ଘଟଣାରେ ପରିଣତ ହୋଇଛି। ମାଫିଆମାନେ ସ୍ଥାନୀୟ ଅଞ୍ଚଳର ମୁଷ୍ଟିମେୟ ଲୋକ, ତହସିଲ କର୍ତ୍ତୃପକ୍ଷ, ଥାନା କର୍ତ୍ତୃପକ୍ଷଙ୍କୁ ହାତ କରି ବେଆଇନ ଭାବେ ବାଲି ଲୁଟି ନେଇ ଯାଉଛନ୍ତି। ଏମାନେ ସବୁ ଜାଣି ନ ଜାଣିଲା ପରି ଅଭିନୟ କରୁଛନ୍ତି। ବାଲି ମାଫିଆଙ୍କଠୁ ଏମାନେ ମୋଟା ଅଙ୍କର ବଟି ନେଇ କୌଣସି ପଦକ୍ଷେପ ନେଉ ନାହାଁନ୍ତି। ନଦୀ ଶଯ୍ୟାରୁ ଟ୍ରକ ଟ୍ରକ ବାଲି ବୋହି ନେଇ ଏମାନେ ଦୂର ସ୍ଥାନ ମାନଙ୍କରେ ଗଦା କରି ରଖନ୍ତି। ସାଧାରଣତଃ ନିକଟ ବର୍ତ୍ତୀ ଗାଁ ରେ ଆବଦ୍ଧ ଥିବା ନିଛାଟିଆ ଜାଗାରେ ଏମାନେ ବାଲି ଗୋଦାମ କରିଛନ୍ତି। ପରେ ମାଫିଆ ମାନେ ବାଲି କଣିବାକୁ ଆସୁଥିବା ଲୋକ ମାନଙ୍କଠୁ ଚଢ଼ା ଦର ନେଇ ଖୁବ ମୁନଫା ଉଠାନ୍ତି। ଏହି କରଣରୁ ଏ ଅଞ୍ଚଳର ବାଲି ମାଫିଆ ମାନେ କୋଟି କୋଟି ଟଙ୍କାର ବିତ୍ତଶାଳୀ ଲୋକ ହୋଇଛନ୍ତି। ଅତୀତରେ ଚଡ଼ ବଡାପାଳ, ଖାନପୁର, ଅସ୍ତି, ପାରୁଳିଆ, କଣ୍ଠାପାଳ, ପାଳସାହି, ବାଇଗଣ ବାଡିଆ ଆଦି ଗ୍ରାମର ଲୋକମାନେ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣକୁ ବିରୋଧ କରି ଆନ୍ଦୋଳନ କରିଥିଲେ। ଜିଲ୍ଲାପାଳ, ବିଭାଗୀୟ ମନ୍ତ୍ରୀ ପ୍ରମୁଖଙ୍କୁ ମଧ୍ୟ ଜଣାଇ ଥିଲେ। ହେଲେ କୌଣସି ପ୍ରତିକାର ନ ହେବାରୁ ସେମାନେ ନୀରବ ରେ ବସିଛନ୍ତି। ଏହି ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ କୁ କେହି ବିରୋଧ କଲେ ମାଫିଆ ମାନେ ଗୁଣ୍ଡା ଶ୍ରେଣୀର ଲୋକ ଲଗାଇ ସେମାନଙ୍କୁ ନାନା ଧମକ ଚମକ ଦେଉଛନ୍ତି। ସ୍ଥାନୀୟ ଅଞ୍ଚଳର କେତେ ଜଣ ରାଜନେତା ଏହି କାରବାର କରୁ ଥିବାରୁ ପ୍ରଶାସନ ନିରବ ରହୁଛି। ବେଆଇନ ବାଲି ଚାଲାଣ ଯୋଗୁଁ ରାତିରେ ବାଲିଆପାଳ କମର୍ଦ୍ଦା ରାସ୍ତାରେ ଲୋକେ ଯାତାୟାତ କରିବାକୁ ପ୍ରମାଦ ଗଣୁଛନ୍ତି। ଜିଲ୍ଲାପାଳ ଏଥି ପ୍ରତି ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳର ଲୋକ ମାନେ ଦାବି କରିଛନ୍ତି।

## ଅବସରପ୍ରାପ୍ତ କୃଷି ଓଭରସିୟର ରବୀନ୍ଦ୍ରନାଥଙ୍କ ପରଲୋକ

ବାଲେଶ୍ୱର,୧୬।୫ (ସମିସ): ଅବସରପ୍ରାପ୍ତ କୃଷି ଓଭରସିୟର ରବୀନ୍ଦ୍ରନାଥ ବାରିକ (୭୨)ଙ୍କ ପରଲୋକ ହୋଇଯାଇଛି। ସେ ବାଲେଶ୍ୱର ସହର କରଞ୍ଜିଆସ୍ଥିତ ସତ୍ୟନଗରରେ ପରିବାର ସହ ରହୁଥିଲେ। ଗତ କିଛି ଦିନ ହେବ ଅସୁସ୍ଥ ଥାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ମୃତଦେହକୁ ତାଙ୍କ ପୈତୃକ ଗ୍ରାମ ତାଳବାଙ୍କକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ମଧ୍ୟମ ପୁତ୍ର ରାକେଶ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ, ଜଣେ ବୋହୂ, ଚାରି ପୁଅ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ବାରିକ ଦୀର୍ଘ ୩୫ ବର୍ଷ ଧରି କୃଷି ବିଭାଗରେ ଗ୍ରାମ ସେବକ ଓ ପରେ ଓଭରସିୟର ଭାବେ କାର୍ଯ୍ୟ କରିଥିଲେ। ୨୦୧୩ ମସିହାରେ ଚାକିରିରୁ ଅବସର ନେଇଥିଲେ। ତାଙ୍କ ବିୟୋଗରେ ତାଳବାଙ୍କ ଅଞ୍ଚଳ ଓ କରଞ୍ଜିଆ ସତ୍ୟନଗରରେ ଶୋକର ଛାୟା ଖେଳିଯାଇଛି।



# ଗୋଲାସାହିରୁ ସୁଢ଼ଙ୍ଗ ଗ୍ରାମକୁ ରାସ୍ତା ନିର୍ମାଣ ଦାବି

**ଶରତ, ୧୬।୫(ସମିସ):**



ମନରେଗା (ପରିବର୍ତ୍ତିତ ବିଭିଜିରାମ-ଜି) ଯୋଜନା ଆଜି ବି ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ କଳମଗୋଡିଆ ପଞ୍ଚାୟତର ସୁଢ଼ଙ୍ଗ ଗ୍ରାମରେ ଅପହଞ୍ଚ। ସୁଢ଼ଙ୍ଗ ଗ୍ରାମରେ ୨୫୦ରୁ ଅଧିକ ପରିବାର ବସବାସ କରୁଥିବା ୭୦୦ ଜନସଂଖ୍ୟା ରହିଛି। ମନରେଗା ଯୋଜନାରେ ରାସ୍ତା ନିର୍ମାଣ ହୋଇ ପାରୁନାହାନ୍ତି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଗ୍ରାମକୁ ଆର୍ଥିକ ସହାୟତା ମିଳୁ ନ ଥିବାରୁ ରାସ୍ତା ନିର୍ମାଣ ହୋଇପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମକୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା ଆଜି ପର୍ଯ୍ୟନ୍ତ ସାତସପନ ହୋଇ ରହିଛି। ରାସ୍ତା ନ ଥିବାରୁ କେହି ଜ୍ୱର ହେଲେ ଖଟିଆ ବା ସଙ୍ଗୀଭାର ହିଁ ଭରସା। ବିଲ ହୀଡ ଏଠି ରାସ୍ତା। ଏମାନେ ପାଦଚଲା ରାସ୍ତାରେ ନିର୍ଭର କରନ୍ତି। ଗ୍ରାମକୁ ପହଞ୍ଚି ପାରେନି ଆମ୍ବୁଲାନ୍ସ ଗାଡ଼ି। ଗ୍ରାମବାସୀ ଆଜି ବି ବିକାଶର ସୂର୍ଯ୍ୟାଲୋକକୁ ଅପେକ୍ଷା କରିଛନ୍ତି। ସ୍ୱାଧୀନତାର ୭ ଦଶନ୍ଧି

- ବିଲ ହିଡ଼ ଏଠି ଏକାକାର
- ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ଗ୍ରାମକୁ ମିଳୁନି ଆର୍ଥିକ ଅନୁଦାନ

ପରେ ମଧ୍ୟ ଗ୍ରାମବାସୀ ଆଜି ବି ରାସ୍ତା ଘାଟ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ରାସ୍ତା ସମସ୍ୟା ଥିବାରୁ ଅନେକ ରୋଗୀ ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ହିଁ ବାଟରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ସୁଢ଼ଙ୍ଗ ଗ୍ରାମକୁ ଯିବା ନିମନ୍ତେ ଗ୍ରାମର ଗୋଲାସାହି ଛକଠାରୁ ସୁଢ଼ଙ୍ଗ ଗ୍ରାମକୁ ପ୍ରାୟ ୫ କିମି ରାସ୍ତାର କଂକ୍ରିଟ କରାଯିବାକୁ ଗ୍ରାମର ଗୁଲୁରାମ ଲାମାଏ, ବୀର ହେମ୍ବ୍ରମ, ଲାଉ ବାସ୍କେ, ଗାମାଏ ରାମିଲ ସିଂ ଗୋଇପାଇ ପ୍ରମୁଖ ନିବେଦନ କରିଛନ୍ତି। ଏ ସମ୍ପର୍କରେ କପ୍ତିପଦା ବ୍ଲକ ଅତିରିକ୍ତ ସହକାରୀ ଯନ୍ତ୍ରୀ ସଦାଶିବ ବେହେରାଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ସେ ସୁଢ଼ଙ୍ଗ ଗ୍ରାମକୁ ଯାଇ ରାସ୍ତା ସମସ୍ୟା ଦେଖିବା ସହିତ ଗ୍ରାମରେ ରାସ୍ତା ନିର୍ମାଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ। ଗ୍ରାମରେ ରାସ୍ତା ନିର୍ମାଣ କରାଯିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମୟୂରଭଞ୍ଜର ୬ ଶିଶୁଙ୍କ ଜଟିଳ ହୃଦ୍‌ରୋଗ ଅସ୍ତ୍ରୋପଚାର ସଫଳ



**ବେତନଟୀ, ୧୬।୫(ସମିସ):** ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ହୃଦରୋଗରେ ଆକ୍ରାନ୍ତ ୬ ଜଣ ଶିଶୁଙ୍କୁ ଜିଲ୍ଲା ସହଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର (ଡିଇଆଇସି) ପକ୍ଷରୁ କୋଲକାତାର ରବୀନ୍ଦ୍ରନାଥ ଟାଗୋର ଅନ୍ତର୍ଜାତୀୟ ହୃଦରୋଗ ଅନୁସନ୍ଧାନ ଓ ଗବେଷଣା କେନ୍ଦ୍ରରେ ସଫଳତାର ସହିତ ଜଟିଳ ହୃଦରୋଗ ଅପରେସନ କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ୍) ଅନୁଦାନରେ ଏହି ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରାଯାଇଥିବା ଜଣାପଡ଼ିଛି।

ବେତନଟୀ ବ୍ଲକ ଅଧୀନ ମହିଷାଶୋଳ ଅଞ୍ଚଳର ସମାୟ ମାଝୀ ଓ ସବିତା ସିଂଙ୍କ ୪ ବର୍ଷ ୪ ମାସର ପୁତ୍ର ସୁରଜ ମାଝୀ, ବଡସାହି ନାଉପାଳର ୨ ବର୍ଷ ୯ ମାସର ଶିବରାମ ସିଂ, ମାଣଡ୍ରୀ ଅଞ୍ଚଳର ୪ ବର୍ଷ ୯ ମାସର ନବଜ୍ୟୋତି ପ୍ରଧାନ, ବାଦାମପାହାଡ଼ ଅଞ୍ଚଳର ୮ ବର୍ଷର ରଞ୍ଜିତ ମୁର୍ମୁ, କୁଳିଅଣା ବ୍ଲକ ଅଞ୍ଚଳର ୪ ବର୍ଷ ୮ ମାସର ପଦ୍ମଲୋଚନ ହାଁସଦା ଓ ବାଦାମପାହାଡ଼ ଅଞ୍ଚଳର ୭ ବର୍ଷ ୫ ମାସର ସାଜୋ ମୁର୍ମୁଙ୍କୁ ଜଟିଳ ହୃଦରୋଗରେ ଆକ୍ରାନ୍ତ ଥିବା ଚିହ୍ନଟ କରାଯାଇଥିଲା। ଏହି ଶିଶୁମାନଙ୍କ ଚିକିତ୍ସା ପାଇଁ ଡିଇଆଇସି ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯାଇଥିଲା। ଆରବିଏସକେ ମ୍ୟାନେଜର ବିଜନ କୁମାର ସାହୁ, ଡିଇଆଇସିର ଶିଶୁରୋଗ ବିଶେଷଜ୍ଞ ଡ. ପ୍ରଦୀପ କୁମାର ମହାପାତ୍ର, ଡ. ଭବାନୀ ଶଙ୍କର ମହାନ୍ତି ଓ ବେତନଟୀ ଡାକ୍ତରଖାନା ଅଧିକାରୀ ଡ. ସିପୁନ କୁମାର ପଣ୍ଡାଙ୍କ ନେତୃତ୍ୱରେ ଆଲୋଚନା କରାଯାଇଥିଲା। ଏହାପରେ ବେତନଟୀ ଡାକ୍ତରଖାନାର ମୋବାଇଲ ହେଲ୍‌ଥ ଟିମ-୧ (ଏମଏଚଟି-୧)ର ଡ. ଜୟଦେବ ପଣ୍ଡା ଓ ଅନ୍ୟ ଡାକ୍ତର, କର୍ମଚାରୀ ଶିଶୁମାନଙ୍କୁ ସେମାନଙ୍କ ପରିବାର ସହ କୋଲକାତା ନେଇଥିଲେ। ମାର୍ଚ୍ଚ ଓ ଏପ୍ରିଲ ମାସରେ ପର୍ଯ୍ୟାୟକ୍ରମେ ଉକ୍ତ ଅନ୍ତର୍ଜାତୀୟ ସ୍ତରର ହୃଦରୋଗ ବିଶେଷଜ୍ଞଙ୍କ ଦ୍ୱାରା ଏହି ଶିଶୁଙ୍କ ଜଟିଳ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପନ୍ନ ହୋଇଥିଲା। ତେବେ ବାଦାମପାହାଡ଼ ଅଞ୍ଚଳର ୪ ମାସର ଶିଶୁ କନ୍ୟା ଅଞ୍ଜଳି ଦିଗାର ଓ ବହଳଦା ଅଞ୍ଚଳର ୧୨ ବର୍ଷ ୧୧ ମାସର ବଳିଆ ବାସ୍କେଙ୍କ ବୟସ ଅନୁପାତରେ ଓଜନ କମ୍ ଥିବାରୁ ସେମାନଙ୍କର ଅସ୍ତ୍ରୋପଚାର ଏପର୍ଯ୍ୟନ୍ତ କରାଯାଇପାରିନାହିଁ। ଆଗାମୀ ୩ ମାସ ପରେ ପୁନଃ ପରୀକ୍ଷା କରି ସେମାନଙ୍କର ଚିକିତ୍ସା କରାଯିବ ବୋଲି ବେତନଟୀ ଡାକ୍ତରଖାନା ଏମଏଚଟି-୧ରେ ଡ. ଜୟଦେବ ପଣ୍ଡା ସୂଚନା ଦେଇଛନ୍ତି। ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଭିଯାନ ଅନ୍ତର୍ଗତ ଜାତୀୟ ସ୍ୱାସ୍ଥ୍ୟ ମିଶନର ଏହି ଉଦ୍ୟମ ଗ୍ରାମାଞ୍ଚଳର ଦରିଦ୍ର ପରିବାରର ଶିଶୁଙ୍କ ଜୀବନ ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଅନ୍ତର୍ଜାତୀୟ ସ୍ତରୀୟ ଡାକ୍ତରଖାନା ସହ ସହଯୋଗିତାରେ ଏପରି ଜଟିଳ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପାଦନ କରି ବହୁ ମୂଲ୍ୟବାନ ଜୀବନ ବଞ୍ଚାଯାଇପାରୁଛି। ଏହି ପ୍ରକାରର କାର୍ଯ୍ୟକ୍ରମ ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳର ଶିଶୁ ସ୍ୱାସ୍ଥ୍ୟ ସେବାକୁ ମଜବୁତ କରିବା ସହ ପରିବାରଗୁ?କର ଆର୍ଥିକ ବୋଝ ହ୍ରାସ କରିଛି। ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ କହିଛନ୍ତି ଯେ, ଏହି ସଫଳତା ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାର ଉନ୍ନତି ଏବଂ ସମୟୋଚିତ ଚିହ୍ନଟ ଓ ପରିବହନ ବ୍ୟବସ୍ଥାର ପ୍ରମାଣ ଦେଉଛି। ପରିବାରମାନେ ଏହି ସରକାରୀ ସହାୟତା ପାଇ ଅତ୍ୟନ୍ତ ଖୁସି ପ୍ରକାଶ କରିଛନ୍ତି। ଏହି ଘଟଣା ଗ୍ରାମାଞ୍ଚଳରେ ହୃଦରୋଗ ସମ୍ପର୍କରେ ସଚେତନତା ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

# ବଞ୍ଜୋରେ ସ୍ୱାମୀ ଭକ୍ତ ବେଦାନ୍ତ ମୁନି ମହାରାଜଙ୍କ ହରିକଥା

**ହାଟଡ଼ିହୀ,୧୬।୫(ସମିସ):** ହାଟଡିହୀ ବ୍ଲକ ବଞ୍ଜୋ ଗ୍ରାମର ପ୍ରଭୁ ଦଧିବାମନଜୀଉଙ୍କ ମନ୍ଦିର ସମ୍ମୁଖରେ ବୃନ୍ଦାବନରୁ ଆସିଥିବା ସ୍ୱାମୀ ଭକ୍ତ ବେଦାନ୍ତ ମୁନି ମହାରାଜଙ୍କ ଦ୍ୱାରା ହରିକଥା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରଶାନ୍ତ ରାଉତଙ୍କ ସଂଯୋଜନାରେ ଓ ଗ୍ରାମର ଯୁବଗୋଷ୍ଠୀଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମରେ ଶହ ଶହ ଲୋକଙ୍କ ସମାଗମ ହୋଇଥିଲା। ଗ୍ରାମର ଦୁଇଟି କୀର୍ତ୍ତନମଣ୍ଡଳୀର ସଦସ୍ୟ ସ୍ୱାମୀ ଭକ୍ତ ବେଦାନ୍ତ ମୁନି ମହାରାଜଙ୍କ ଦଳକୁ ନାମ ସଂକୀର୍ତ୍ତନ ମାଧ୍ୟମରେ ଗ୍ରାମ ପରିକ୍ରମା କରାଇ ଭବ୍ୟ ସ୍ୱାଗତ ଜଣାଇଥିବା ବେଳେ ପ୍ରମିଳା ବରାଳ, ଲକ୍ଷ୍ମୀପ୍ରିୟା ରାଉତ, ଅନୁସୟା ରାଉତଙ୍କ ସମେତ ଅନେକ ମହିଳା ମଞ୍ଚ ନିକଟକୁ ପାଛୋଟି



ଆଣିଥିଲେ। ସନାତନ ଓଝା, ସୁଧାଂଶୁ ରାଉତ, ଚିନ୍ତାମଣି ବରାଳ, ଯୁଧିଷ୍ଠିର ରାଉତ, ଚିନ୍ତାମଣି ରାଉତ, ସୁରେନ୍ଦ୍ର ବିଶ୍ୱାଳ, ଜ୍ଞାନରଞ୍ଜନ ସାମନ୍ତ ସିଂହାର, କିର୍ତ୍ତନ ବିହାରୀ ନାୟକ, ପୂର୍ଣ୍ଣ ନାୟକ, ବନମାଳି ବରାଳ, ନନ୍ଦକିଶୋର ନାୟକ, ଜଗତ ବରାଳ, ପ୍ରଦୀପ ରାଉତ, ଗଙ୍ଗାଧର ରଣା, ଶ୍ରୀଧର ରାଉତ, ନିରଞ୍ଜନ ରାଉତ, ସନ୍ତୋଷ ପଣ୍ଡା, ଭରତ ପାତ୍ର, ପର୍ଶୁରାମ ଜେନା, ଖଗେଶ୍ୱର ଜେନା, ନାକଫୋଡି ଜେନା, ଦୁର୍ଯ୍ୟୋଧନ ଜେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଶଶୁର ଘରୁ ଜ୍ୱାଇଁର ଝୁଲନ୍ତା ମୃତଦେହ ଉଦ୍ଧାର

**ରାଇରଙ୍ଗପୁର,୧୬।୫(ସମିସ):** ଶଶୁର ଘରକୁ ବୁଲିବାକୁ ଆସିଥିବାବେଳେ ଜ୍ୱାଇଁର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଗାଁ ଗଛରୁ ଝୁଲନ୍ତା ମୃତଦେହକୁ ନେଇ ହତ୍ୟା ନା ଆତ୍ମହତ୍ୟା, ସେନେଇ ସନ୍ଦେହ ଜାତ ହୋଇଛି। ଉକ୍ତ ଘଟଣା ବହଳଦା ଥାନା ଅନ୍ତର୍ଗତ ବଡ଼ଦୁନ୍ଦୁ ଗ୍ରାମର ରେଡ଼ମ ଛକ ନିକଟରେ ଘଟିଛି। ସନ୍ଦେହଜନକ ମୃତକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ଜଣକ ହେଲେ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଇଟିଣ୍ଡା ଗ୍ରାମର ୱାର୍ଡ ନଂ ୧୨ର ବାସିନ୍ଦା ଏସ୍‌କେ ରହମତ୍ ହୁସେନ(୩୮)। ସେ ବଡଦୁନ୍ଦୁସ୍ଥିତ ଶଶୁର ଘରେ ହିଁ ରହିଆସୁଥିଲେ। ସେ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ନ ପାଇ ରୋଜଗାର ନିମନ୍ତେ ପୁଣେକୁ ଯାଇଥିଲେ। ଶୁକ୍ରବାର ସେ ଘରକୁ ଫେରିଥିଲେ। ଶନିବାର ସକାଳୁ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଖବର ପାଇ ବହଳଦା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତରୁ ପାରିବାରିକ ଅଶାନ୍ତି କାରଣରୁ ଯୁବକ ଜଣକ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଓ ଘଟଣାର ଅଧିକ ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବହଳଦା ଥାନା ପୁଲିସ ସୂଚନା ଦେଇଛି। ଏ ନେଇ ବହଳଦା ଥାନାରେ ୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ବହଳଦା ଥାନା ପୁଲିସ।

# ହାତୀ ଆକ୍ରମଣରେ ମହିଳା ଗୁରୁତର



**ବଡ଼ସାହି, ୧୬।୫(ସମିସ):** ବଡ଼ସାହି ଥାନା ଅଧୀନ ଚନ୍ଦନପୁର ପଞ୍ଚାୟତ ଶ୍ରୀରାମପୁର ଗ୍ରାମର ଜଣେ ମହିଳା ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ଜଣକ ହେଲେ ଶଙ୍ଖମଣୀ ଖଣ୍ଡା(୬୨)। ଶନିବାର ସକାଳେ ସେ ବାସନ ମାଜୁଥିବାବେଳେ ହାତୀଟି ହଠାତ ତାଙ୍କ ସମ୍ମୁଖକୁ ଚାଲିଆସିଥିଲା। ୫ ମିନିଟରୁ ଅଧିକ ସମୟ ଆକ୍ରମଣ ନ କରି ଛିଡା ହୋଇରହିଥିଲା। ସେ ହାତୀ ବୋଲି ପାଟି କରି ଡାକ ପକାଇବାରୁ ହାତୀଟି ଦାନ୍ତରେ ପେଲି ଦେବାରୁ ସେ ପଡିଯାଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବଡସାହି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ଅବସ୍ଥା ଗୁରୁତର ଥିବାରୁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ଡାହାଣ ଗୋଡ ଚକି ଖସିଯାଇଥିବାବେଳେ ଡାହାଣ ପଞ୍ଜରା ଭାଙ୍ଗିଯାଇଥିବା ତାଙ୍କ ପୁତୁରା ପ୍ରକାଶ ଖଣ୍ଡା ସୂଚନା ଦେଇଛନ୍ତି। ଖବରପାଇ ଫରେଷ୍ଟର ଓ ରେଞ୍ଜର ଡାକ୍ତରଖାନା ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିବା ଜଣାଯାଇଛି।

# ଘାଗରବେଡ଼ା ଗ୍ରାମରୁ ଚୋରି

**ରାଇରଙ୍ଗପୁର, ୧୬।୫ (ସମିସ):** ଘାଗରବେଡ଼ା ଥାନା ଅଞ୍ଚଳରେ ତାଲା ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ଟଙ୍କା ଚୋରି ହୋଇଛି। ଏ ନେଇ ଘାଗରବେଡା ଗ୍ରାମର ଅଭିମନ୍ୟୁ ଗିରି ଘାଗରବେଡା ଥାନାରେ ଅଭିଯୋଗ କରିଛନ୍ତି। ସେ ଘରେ ନ ଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ତାଙ୍କ ଘରକୁ ଦୁର୍ବୃତ୍ତମାନେ ପ୍ରବେଶ କରି ଆଲମାରୀ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଓ ନଗଦ ୧୨,୦୦୦ ଟଙ୍କା ଚୋରି କରିଛନ୍ତି। ଯେଉଁଥିରେ କି ଠାକୁରାଣୀଙ୍କ ଅଳଙ୍କାର ରହିଛି। ଘରକୁ ଫେରି ଘଟଣା ବାବଦରେ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ସାବିତ୍ରୀ ବ୍ରତ ପାଇଁ ଉତ୍ସବମୁଖର ବିଭିନ୍ନ ପୀଠ





**ତୁରୁମୁଙ୍ଗା, ୧୬।୫(ସମିସ):** ସାବିତ୍ରୀ ବ୍ରତ ପାଇଁ କେନ୍ଦୁଝର ଜିଲ୍ଲାର ପାଟଣା ଓ ସାହାରପଡ଼ା ଅଞ୍ଚଳର ବିଭିନ୍ନ ଦେବାଳୟରେ ଶନିବାର ମହିଳାଙ୍କ ଭିଡ଼ ରହିଥିଲା। ସକାଳୁ ସକାଳୁ ସଧବା ମହିଳାମାନେ ନୂତନ ଶାଢ଼ି, ଶଙ୍ଖା, ସିନ୍ଦୂର ଓ ଅଳତା ପରିଧାନ କରି ପୂଜା ସାମଗ୍ରୀ ଧରି ମନ୍ଦିରରେ ପୂଜାର୍ଚ୍ଚନା କରି ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିଥିଲେ। ପାଟଣା ମୁଖ୍ୟାଳୟସ୍ଥିତ ଆନନ୍ଦେଶ୍ୱର ମନ୍ଦିର, ଶ୍ରୀରାମ ମନ୍ଦିର, ପରମେଶ୍ୱର ଶିବ ମନ୍ଦିର, ସ୍ୱାମ ସୋମେଶ୍ୱର ଶିବ ମନ୍ଦିର, ସ୍ୱାମ ହନୁମାନ ମନ୍ଦିର ଓ ଶନି ମନ୍ଦିର ସହ ବିଭିନ୍ନ ଗ୍ରାମର ତୋଟା ଏବଂ ବରବୃକ୍ଷ ତଳେ ପୂଜାର୍ଚ୍ଚନା ପାଇଁ ମହିଳାମାନଙ୍କ ଭିଡ଼ ଜମିଥିଲା। ସଧବା ମହିଳାମାନେ ନିଷ୍ଠାର ସହିତ ଉପବାସ ବ୍ରତ ରଖିଥିଲେ। ପୂଜା ପରେ ସେମାନେ ସାବିତ୍ରୀ ବ୍ରତ କଥା ଶ୍ରବଣ କରି ବ୍ରତ ଧାରଣ କରି ଦେବୀଙ୍କ ନିକଟରେ ଫଳ ଭୋଗ ସମର୍ପଣ କରିଥିଲେ। ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ମନ୍ଦିର ପରିସରଗୁଡ଼ିକ ଉତ୍ସବମୁଖର ହୋଇଥିଲା।

**ହାଟଡ଼ିହୀ:** ବ୍ଲକ୍‌ର ଅକରୁଆ ପଞ୍ଚାୟତ ଘୋଷରପଦା ସାବିତ୍ରୀ ପୀଠରେ ଶହ ଶହ ମହିଳାଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ଶାସଙ୍ଗ ବାଲିଆପୋଖରୀ ନିକଟରେ ଥିବା ମନ୍ଦିର, ଛେନାପଦି ଛକସ୍ଥିତ ମା'ତାରିଣୀ ମନ୍ଦିର, ବିଶେଶ୍ୱର ମହାଦେବ ମନ୍ଦିର, ମଲାରପଦା ମୁକ୍ତେଶ୍ୱର ମନ୍ଦିର ନିକଟରେ ସଧବା ମହିଳାମାନେ ସ୍ୱାମୀ ଓ ପରିବାରର ମଙ୍ଗଳ କାମନା କରି ପୂଜାର୍ଚ୍ଚନା କରିବା ସହ ନବବସ୍ତ୍ର ପରିଧାନ କରି ସୂର୍ଯ୍ୟଦେବଙ୍କୁ ଜଳଲାଗି କରିଥିଲେ। କେହି କେହି ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଛନ୍ତି ତ ପୁଣି କେହି ନିଜଘରକୁ ପୂଜକଙ୍କୁ ଡକାଇ ପୂଜାର୍ଚ୍ଚନା କରିଛନ୍ତି।

# କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି

**ରାଇରଙ୍ଗପୁର,୧୬।୫(ସମିସ):** ବାମନଘାଟି ଉପଖଣ୍ଡରେ ଏକ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଦାବି ହୋଇଛି। ଏ ନେଇ ମାସା ଆର୍ମୀ ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ



ମାର୍ଣ୍ଡିଙ୍କ ନେତୃତ୍ୱରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରାଯାଇଛି। ବାମନଘାଟି ଉପଖଣ୍ଡ ଏକ ଆଦିବାସୀ ବହୁଳ ଅଞ୍ଚଳ ଅଟେ। ଉକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଆଦିବାସୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ଗ୍ରହଣ ନିମନ୍ତେ ବେଶ ସହାୟକ ହେବ। ଘର ନିକଟରେ ଶିକ୍ଷାଲାଭ କରିବା ସୁବିଧା ପାଇପାଇବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସାଧାରଣତଃ ଆଦିବାସୀ ଗରିବ ଶ୍ରେଣୀର ଅଟନ୍ତି। ଶିକ୍ଷା ଗ୍ରହଣ ନିମନ୍ତେ ଦୂରକୁ ଯାଇ ଅନେକ ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି। ଅନେକଙ୍କ ଅର୍ଥ ଅଭାବରୁ ଉଚ୍ଚଶିକ୍ଷାରେ ଡୋରି ଲାଗୁଛି। ବାମନଘାଟି ଅଞ୍ଚଳରେ ଶିକ୍ଷା, ଚାକିରି ଓ ସାମାଜିକ ଉନ୍ନତି ପାଇଁ ଉକ୍ତ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ଅତ୍ୟନ୍ତ ଆବଶ୍ୟକ ଅଟେ। ଏହା ଦ୍ୱାରା ଆଦିବାସୀ ଯୁବପିଢ଼ିଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବା ସହ ଅଞ୍ଚଳର ସର୍ବାଙ୍ଗିନ ବିକାଶ ସମ୍ଭବ ହେବ। ତେଣୁ ସଙ୍ଗଠନ ପକ୍ଷରୁ ଉକ୍ତ ଦାବି ଉପସ୍ଥାପନ ପୂର୍ବକ ସରକାରୀ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ସଙ୍ଗଠନ ସଦସ୍ୟ ଏକତାବଦ୍ଧ ଭାବେ ଆଦିବାସୀ ସମାଜ ଅଧିକାର ଓ ଶିକ୍ଷା ଉନ୍ନତି ପାଇଁ ଆନ୍ଦୋଳନକୁ ଆହୁରି ଜୋରଦାର କରିବାକୁ ସଂକଳ୍ପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଶ୍ରୀ ମାର୍ଣ୍ଡିଙ୍କ ସମେତ ବାମନଘାଟି ସଭାପତି ଦାସ୍ମାତ ସରେନ, ଭରତ ମାର୍ଣ୍ଡି, ବିଶୁ ମୁର୍ମୁ, ଦିଗବିଜୟ ସରେନ, ସିଦ୍ଧେଶ୍ୱର ପପୁ ମୁର୍ମୁ, ସିଦ୍ଧ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ଓଲଟିଲା ମାଲ୍ ବୋଝେଇ ଅଟୋ; ଚାଳକ ଗୁରୁତର

**କୁଆମରା,୧୬।୫(ସମିସ):** ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତ ରଙ୍ଗାମାଟିଆ ନିକଟରେ ଆଜି ମଧ୍ୟାହ୍ନରେ ଏକ ମାଲ ବୋଝେଇ ଅଟୋ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡିବା ଯୋଗୁଁ ଚାଳକ ଗୁରୁତର ହେବା ସହ ଅଟୋର ସମ୍ମୁଖ ଭାଗ କାଚ ସଂପୂର୍ଣ୍ଣ ଭାଙ୍ଗିଯାଇଛି। କପ୍ତିପଦା ଥାନା ଅନ୍ତର୍ଗତ ନୁଦୁଡିହାସ୍ଥ କାଠପାଳ ଗ୍ରାମର ଚିନ୍ମୟ ମହାନ୍ତି ଡାଲା ଅଟୋରେ ଜିଆଇ ତାର ବୋଝେଇ କରି ରେମୁଣାରୁ ନିଜ ଘରକୁ ଫେରୁଥିବାବେଳେ ରାସ୍ତା ପାଶ୍ୱର୍ରେ ଥିବା ଏକ ଶାଳ ଗଛରେ ପିଟି ହୋଇ ପାଞ୍ଚ ଫୁଟ ତଳକୁ ଓଲଟି ପଡିଥିଲା। ତେବେ ଚାଳକ ଚିନ୍ମୟ ଆହତ ହୋଇଥିବାବେଳେ ଅଟୋରେ ବସିଥିବା ତାଙ୍କ ସ୍ତ୍ରୀ ଓ ଦୁଇବର୍ଷର ପୁଅ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଚିନ୍ମୟଙ୍କୁ କୁଆମରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ କୁଆମରା ଫାଣ୍ଡି ପୁଲିସ ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରି ଫାଣ୍ଡିରେ ଅଟକ ରଖିଛି।

- ସାପ୍ତାହିକ ହାଟରେ ଚଢ଼ଉ

# ବାଇକ୍ ଓ ମଦ ଜବତ, ଜଣେ ଗିରଫ



**ବେତନଟୀ, ୧୬।୫(ସମିସ):** ବେତନଟୀ ଅବକାରୀ ଥାନା ପକ୍ଷରୁ ଗୁରୁବାର ମାଣଡ୍ରୀ ଅଞ୍ଚଳରେ କରାଯାଇଥିବା ପାଟ୍ରୋଲିଂ ସମୟରେ ବିଶ୍ୱସ୍ତ ସୂତ୍ରରୁ ପାଇଥିବା ଖବର ଆଧାରରେ ଚୋରା ଦେଶୀମଦ ଚାଲାଣ କରୁଥିବା ଏକ ବାଇକ୍‌କୁ କାବୁ କରାଯାଇଛି। ଏହି ଚଢଉରେ ୧୦ ଲିଟର ଚୋରା ମଦ ଓ ବାଇକ୍ ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବଡ଼ସାହି ଥାନା ଅଧୀନ କେନ୍ଦୁଡିହା ଗ୍ରାମର ଦେବେନ୍ଦ୍ର ବେହେରା ପ୍ଲାଷ୍ଟିକ୍ ବୋତଲରେ ଚୋରା ମଦ ଭର୍ତ୍ତି କରି ମାଣଡ୍ରୀ ସାପ୍ତାହିକ ହାଟକୁ ଚାଲାଣ କରୁଥିଲେ। ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ସଦଳବଳରେ ଚଢ଼ଉ କରାଯାଇ ବାଇକ୍ ସହିତ ୫ଟି ପ୍ଲାଷ୍ଟିକ୍ ବୋତଲରେ ଥିବା ୧୦ ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତ ଦେବେନ୍ଦ୍ର ବେହେରାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଅପରାହ୍ନରେ ବେତନଟୀ ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଏ ପ୍ରକାର ଚୋରାମଦ ଚାଲାଣ ଓ ବିକ୍ରି ସ୍ଥାନୀୟ ସ୍ୱାସ୍ଥ୍ୟ ଓ ଆଇନଶୃଙ୍ଖଳା ପାଇଁ ବିପଦଜନକ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। ଅବକାରୀ ବିଭାଗ ଏଭଳି ଚଢ଼ଉ ଜାରି ରଖିବ ବୋଲି ସୂଚନା ଦେଇଛି।

# ପାଚେରିକୁ ଧକ୍କା ଦେଲା କାର୍



**ତୁରୁମୁଙ୍ଗା,୧୬।୫(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ସାହାରପଡ଼ା ଫାଣ୍ଡି ଅନ୍ତର୍ଗତ ଗୋରାଣ୍ଡିଯୋଡି ପାଣି ଟାଙ୍କି ନିକଟରେ ଶନିବାର ଭୋରରୁ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। କାର ଭିତରେ ଥିବା ଗାଡ଼ି ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ କାରଟି ଚୁରମାର ହୋଇଯାଇଛି। କାର ଡ୍ରାଇଭରଙ୍କ ଆଖି ଲାଗିଯିବାରୁ କାରଟି ଭାରସାମ୍ୟ ହରାଇ ପାଣି ଟାଙ୍କି ପାଚେରିକୁ ଧକ୍କା ଦେଇଥିଲା।

# ଠିକାସଂସ୍ଥାକୁ ସରକାରୀ କୋଠା; ବିବାଦରେ ସିଡିଏମ୍‌ଓ

**କେନ୍ଦୁଝର, ୧୬।୫(ସମିସ):**

ସରକାରୀ କ୍ୱାର୍ଟରକୁ ବେସରକାରୀ ସଂସ୍ଥାକୁ ଦେବା ନେଇ ଚିଠି କରିବା ପରେ କେନ୍ଦୁଝର ସିଡିଏମଓ ଅଡୁଆରେ ପଡିଛନ୍ତି। ନୂତନ ଭାବେ କାର୍ଯ୍ୟରେ ଯୋଗ ଦେବା ପରେ ତାଙ୍କର ଏହି ନିଷ୍ପତ୍ତି ବିବାଦୀୟ ହୋଇପଡିଛି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ କ୍ୱାର୍ଟର ଅଭାବରୁ ଡାକ୍ତର ଓ ଅନ୍ୟ କର୍ମଚାରୀ ବହୁ ଅସୁବିଧାରେ ରହୁଛନ୍ତି। ବାହାରେ ଘର ଭଡା ଦେଇ ରହିବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ, ଏକ କ୍ୱାର୍ଟରକୁ ଘରୋଇ ଆଉଟସୋର୍ସିଂ ସଂସ୍ଥାକୁ ରୋଷେଇ କରି ଖାଦ୍ୟ ଯୋଗାଣ ପାଇଁ ପ୍ରଦାନ କରିବା ଚର୍ଚ୍ଚାର ବିଷୟ ହୋଇଛନ୍ତି। ପ୍ରକାଶ ଯେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସମେତ ଉପଖଣ୍ଡ ଡାକ୍ତରଖାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଖାଦ୍ୟ ଯୋଗାଇ ଦେବାକୁ ମେସର୍ସ ଏଲ୍‌ଏଣ୍ଡକେ ସର୍ଭିସ ପ୍ରାଇଭେଟ ଲିମିଟେଡ ନାମକ ଏକ ଆଉଟସୋର୍ସିଂ ସଂସ୍ଥାକୁ ଠିକା ପ୍ରଦାନ କରାଯାଇଛି। ଡିଏମ୍‌ଏଫ୍ ଅର୍ଥରେ ରୋଗୀଙ୍କ ଆଟେଡାଣ୍ଟଙ୍କୁ ଖାଦ୍ୟ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି। ଉକ୍ତ ସଂସ୍ଥା ନିଜସ୍ୱ ବ୍ୟବସ୍ଥାରେ ଅର୍ଥାତ ନିଜସ୍ୱ ଭିତ୍ତିଭୂମି ଓ ରୋଷେଇ ବ୍ୟବସ୍ଥାରେ ଖାଦ୍ୟ ପ୍ରସ୍ତୁତ କରି ମେଡିକାଲକୁ ଆଣି ରୋଗୀଙ୍କୁ ଦେବା ନେଇ ହୋଇଥିବା ଚୁକ୍ତିର ସେକ୍ସନ ୩.୧ରେ ଉଲ୍ଲେଖ ରହିଛି। ତେବେ ଉକ୍ତ ସଂସ୍ଥାକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ଏଭଳି ସରକାରୀ କ୍ୱାର୍ଟର ତାଙ୍କର ବ୍ୟବସାୟ ପାଇଁ ପ୍ରଦାନ କରାଯାଉଥିବାରୁ ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ସିଡିଏମଓ ଅଫିସ, କେନ୍ଦୁଝର ଚିଠି ସଂଖ୍ୟା ୨୯୨୮/୧୨-୫-୨୦୨୬ରେ ଉକ୍ତ ସଂସ୍ଥାକୁ ଏକ ଆବାସିକ କ୍ୱାର୍ଟରକୁ ପ୍ରଦାନ କରାଯାଇଛି। ଯେତେବେଳେ ଡାକ୍ତର ତଥା ନର୍ସିଂ ଷ୍ଟାଫ ମେଡିକାଲ ପରିସରରେ ରହିବାକୁ ଘର ପାଉନାହାଁନ୍ତି ସେତେବେଳେ ଏଭଳି ଏକ ଆଉଟସୋର୍ସିଂ ସଂସ୍ଥାକୁ କ୍ୱାର୍ଟର ପ୍ରଦାନ କରାଯାଇଥିବାରୁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ମାଗଣାରେ ଏଭଳି ଏକ ସରକାରୀ କ୍ୱାର୍ଟରକୁ ଘରୋଇ ସଂସ୍ଥାକୁ ଦେଇ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯିବା ପଛରେ କଣ ରହସ୍ୟ ରହିଛି ସେନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ କେନ୍ଦୁଝର ଜିଲ୍ଲାପାଳ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ, ଏନେଇ ସିଡିଏମ୍‌ଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।






